SAMBAD
ସମ୍ବାଦ | ଦୃଷ୍ଟିକୋଣ
ଗୁରୁବାର, ଜାନୁଆରି ୭, ୨୦୨୧

କାରଖାନା ସ୍କୁଲ ନ ରହୁ

ସରଳ ବିଚାର

ସରଳ କୁମାର ଦାସ

ଓଡ଼ିଶାରେ ୨୦୨୩ ଜାନୁଆରିରେ ଅନୁଷ୍ଠିତ ହେବାକୁ ଯାଉଥିବା 'ବିଶ୍ୱ ନୃତାତ୍ତ୍ୱିକ କଂଗ୍ରେସ' (ୱାକ)ର ଅନ୍ୟତମ ଆମନ୍ତ୍ରକ (ହୋଷ୍ଟ) ଭାବେ ରାଜ୍ୟର ଏକ ଆଦିବାସୀ ଶିକ୍ଷାନୁଷ୍ଠାନ ମନୋନୀତ ହୋଇଥିଲେ ବି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୨୦୦ରୁ ଅଧିକ ଆଦିବାସୀ ସଂଗଠନ ଓ ନେତାଙ୍କ ପ୍ରବଳ ବିରୋଧ ପରେ ଆୟୋଜକ 'ଆଇ.ୟୁ.ଏ.ଇ.ଏସ୍.'ଙ୍କ ଦ୍ୱାରା ଅନୁଷ୍ଠାନଟିକୁ ଆମନ୍ତ୍ରକଙ୍କ ତାଲିକାରୁ ବାଦ ଦିଆଯାଇଛି। ଏହି ବିରୋଧର ମୁଖ୍ୟ କାରଣ ଥିଲା ଅନୁଷ୍ଠାନଟିରେ ଥିବା କାରଖାନା ସ୍କୁଲ (ଫ୍ୟାକ୍ଟରି ସ୍କୁଲ) ବ୍ୟବସ୍ଥା। ସପ୍ତଦଶ ଶତାବ୍ଦୀରେ ପ୍ରଥମେ ଖ୍ରୀଷ୍ଟିଆନ ମିସନାରିଙ୍କ ଦ୍ୱାରା ଆମେରିକାରେ କାରଖାନା ସ୍କୁଲ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ କାଳରେ ଏହା କାନାଡା, ଅଷ୍ଟ୍ରେଲିଆ, ଆମେରିକା ସମେତ ଅନେକ ଦେଶରେ ପ୍ରସାର ଲାଭ କରିଥିଲା। ପ୍ରଥମେ ଶିଳ୍ପ ପାଇଁ ଦକ୍ଷ ଶ୍ରମିକ ସୃଷ୍ଟି କରିବା ଏହି ସ୍କୁଲଗୁଡ଼ିକର ଉଦ୍ଦେଶ୍ୟ ଥିଲା। ତେବେ, ଏହି କାରଖାନା ସ୍କୁଲ ବ୍ୟବସ୍ଥା ସରକାରୀ ଭାବେ ପ୍ରଥମେ ଉନବିଂଶ ଶତାବ୍ଦୀରେ ପ୍ରୁସିଆରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉପନିବେଶବାଦୀଙ୍କ ମଧ୍ୟରେ ଆଦର ଲାଭ କରି ବିଭିନ୍ନ ଉପନିବେଶରେ କାୟା ବିସ୍ତାର କରିଥିଲା।

ସେ ଯାହାହେଉ, ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ କାରଖାନା ସ୍କୁଲ ବ୍ୟବସ୍ଥାର ସଂପ୍ରସାରଣ ହୋଇଥିଲା। ଅନେକ ଦେଶରେ ଧର୍ମାନ୍ତରୀକରଣ ଏହାର ଉଦ୍ଦେଶ୍ୟ ହୋଇଥିବା ବେଳେ କେତେକରେ ଉଦ୍ଦେଶ୍ୟ ଥିଲା ଜଙ୍ଗଲ ଓ ଖଣିଜ ସମ୍ପଦକୁ ହାତେଇବା। ଇଣ୍ଡୋନେସିଆ ସରକାର ତ ପଶ୍ଚିମ ପପୁଆରେ ଜାତୀୟତାବାଦୀ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେଠାରେ ଏହି ସ୍କୁଲ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ଏଥି ଯୋଗୁ କାନାଡା, ଅଷ୍ଟ୍ରେଲିଆର ସ୍ଥାନୀୟ ଅଧିବାସୀ ଓ ଆଦିବାସୀଙ୍କର ପ୍ରଭୂତ କ୍ଷତି ସାଧିତ ହୋଇଛି; ଯାହା ଜଣା ପଡ଼ିବା ପରେ ଏହା ବିରୋଧରେ ସ୍ୱର ଉତ୍ତୋଳନ ହେବାକୁ ଲାଗିଲା। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୨୦ ଲକ୍ଷ ଆଦିବାସୀ ପିଲା କାରଖାନା ସ୍କୁଲରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ଭାରତରେ ଏହି ସଂଖ୍ୟା ପ୍ରାୟ ଦଶ ଲକ୍ଷ। ଭାରତରେ ଆଦିବାସୀ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାକୁ କାରଖାନା ସ୍କୁଲ ବ୍ୟବସ୍ଥା କହି ହେବ ନାହିଁ ବୋଲି କେହି କେହି ଯୁକ୍ତି କରିଥାଆନ୍ତି। ସୁତରାଂ, କାରଖାନା ସ୍କୁଲ ବ୍ୟବସ୍ଥାର ଚରିତ୍ରକୁ ବୁଝିବାର ଆବଶ୍ୟକତା ରହିଛି।

ପ୍ରଖ୍ୟାତ ଆମେରିକୀୟ ଲେଖକ ଅଲଭିନ ଟଫଲରଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଫ୍ୟୁଚର ସକ୍' (୧୯୭୦)ରେ କାରଖାନା ସ୍କୁଲକୁ ପରିଭାଷିତ କରି ଯାହା ଲେଖା ହୋଇଛି ତା'ର ଓଡ଼ିଆ ଅନୁବାଦ କିଛିଟା ଏହିପରି- 'ଛାତ୍ର ରୂପକ କଞ୍ଚାମାଲକୁ ସ୍କୁଲ ରୂପକ କାରଖାନାକୁ ଆଣି ଶିକ୍ଷକ ରୂପୀ ଶ୍ରମିକମାନଙ୍କ ଦ୍ୱାରା ପ୍ରକ୍ରିୟାକରଣ କରିବାର ପରିକଳ୍ପନାଟି କେବଳ ଔଦ୍ୟୋଗିକ ପ୍ରତିଭାମାନଙ୍କ କଳ୍ପନା ପ୍ରସୂତ ହୋଇପାରେ।' ପରବର୍ତ୍ତୀ ସମୟରେ କାରଖାନା ସ୍କୁଲରୁ ବାହାରୁଥିବା ଛାତ୍ର ଶିଳ୍ପରେ ନିୟୋଜିତ ହେଉଥିବାରୁ ଶିଳ୍ପର ସମସ୍ତ ଗୁଣ- ଯେପରି ସମୟାନୁବର୍ତ୍ତିତା, ନିରଳସ ଭାବ, ବାରମ୍ବାର ଏକ ପୁନରାବୃତ୍ତିମୂଳକ କାର୍ଯ୍ୟକୁ ବୀତସ୍ପୃହ ନ ହୋଇ କରି ଚାଲିବା ଇତ୍ୟାଦିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏହା ଦ୍ୱାରା ସଂପୃକ୍ତ ଛାତ୍ରମାନେ ନିଜ କଳ୍ପନାର ଡେଣାକୁ ମେଲାଇବାର ଆକାଂକ୍ଷା ଓ କ୍ଷମତା ହରାନ୍ତି ଓ ଶିଳ୍ପ ଚାହୁଁଥିବା ମୁତାବକ ଆଦର୍ଶ ଶ୍ରମିକରେ ପରିଣତ ହୋଇ ଥାଆନ୍ତି। ଶିଳ୍ପର ଏହି ଆବଶ୍ୟକତାକୁ ପୂରଣ କରିବା ଅନେକ କାରଖାନା ସ୍କୁଲଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ କ୍ରମେ ନିଯୁକ୍ତି ଯୋଗ୍ୟତା ସୃଷ୍ଟି ହିଁ ମୁଖ୍ୟସ୍ରୋତ ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ପାଲଟିଗଲା। ତେବେ, ଏଭଳି ବ୍ୟବସ୍ଥା ଦ୍ୱାରା ଆଦିବାସୀ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଆଣି ସେମାନଙ୍କୁ ଏହି ପ୍ରତିଯୋଗିତାମୂଳକ ଦୁନିଆରେ ସଫଳତା ହାସଲ କରିବା ପାଇଁ ପ୍ରସ୍ତୁତ କରାଯାଉଛି ବୋଲି କୁହାଯାଉଛି। କିନ୍ତୁ ଅନେକ କ୍ଷେତ୍ରରେ ବାସ୍ତବତା ସମ୍ପୂର୍ଣ୍ଣ ବିପରୀତ ବୋଲି ଦେଖିବାକୁ ମିଳିଥାଏ। ଘର ଠାରୁ ଦୂରରେ ଥିବା ଆବାସିକ ବିଦ୍ୟାଳୟରେ ପଢ଼ିବା ଲାଗି ଆସୁଥିବା ପିଲାମାନେ ସେମାନଙ୍କ ନିଜ ସମାଜର ପାରମ୍ପରିକ ଜ୍ଞାନ, କୌଶଳ ଓ ନିଜ ପରିବେଶ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବାରୁ ବଞ୍ଚିତ ହୁଅନ୍ତି। କୁହାଯାଏ, ବଣ୍ଡା ଘାଟିରେ ସାନ ପିଲାଟିଏ ପାହାଡ଼ ଉପରୁ ପଥରଟିଏ ଗଡ଼ାଇ ତାକୁ ଲକ୍ଷ୍ୟ କରି ଶର ବିନ୍ଧିଥାଏ। ଏହା ସେ ତା' ପରିବେଶରେ ଅନ୍ୟମାନଙ୍କୁ ଦେଖି ଏଇଟିକୁ ଶିଖିଥାଏ। କିନ୍ତୁ ଦୂର ଆବାସିକ ସ୍କୁଲରେ ପଢ଼ି ସେ ଉପରୋକ୍ତ ଦକ୍ଷତା ହାସଲରୁ ବଞ୍ଚିତ ରହେ। ବିଶ୍ୱର ପ୍ରାୟ ୪୦% ଶିଶୁଙ୍କୁ ସେମାନଙ୍କ ମାତୃଭାଷା ବା ସେମାନେ ବୁଝୁଥିବା ଭାଷାରେ ଶିକ୍ଷା ପ୍ରଦାନ କରାଯାଇ ନ ଥାଏ। ନିଜ ପରିବେଶରୁ ବିଚ୍ଛିନ୍ନ ହୋଇ ଆବାସିକ ବିଦ୍ୟାଳୟମାନଙ୍କରେ ମାତୃଭାଷା ଭିନ୍ନ ଅନ୍ୟ ଭାଷାରେ ଶିକ୍ଷା ଗ୍ରହଣ କରୁଥିବା ଆଦିବାସୀ ଶିଶୁମାନେ ହିଁ ଏହି ଅନ୍ୟାୟର ସବୁଠାରୁ ଅଧିକ ଶିକାର ହୋଇ ଥାଆନ୍ତି। ଏହା ଦ୍ୱାରା ଆଦିବାସୀଙ୍କ ସାମାଜିକ, ସାଂସ୍କୃତିକ ପରିବେଶକୁ ଅନେକ କ୍ଷତି ପହଞ୍ଚାଯାଇ ସାରିଲାଣି। ଏହା ପଣ୍ଡିତ ଜୱାହରଲାଲ ନେହରୁଙ୍କ ଦ୍ୱାରା ୧୯୫୨ରେ ଘୋଷିତ 'ଆଦିବାସୀ ପଞ୍ଚଶୀଳ' ଭାବେ ଜଣା ଦେଶର ପାଞ୍ଚଟି ଆଦିବାସୀ ନୀତିର ବିରୋଧାଚରଣ କରୁଛି; ଯେଉଁଥିରେ ଆଦିବାସୀଙ୍କ ଉପରେ କିଛି ଲଦି ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା। ମାତୃଭାଷାରେ ଶିକ୍ଷାଦାନ ତ ଦୂରର କଥା; ଆବାସିକ ବିଦ୍ୟାଳୟଗୁଡ଼ିକରେ ଆଦିବାସୀ ଶିକ୍ଷକଙ୍କ ଅନୁପାତ ମଧ୍ୟ ନଗଣ୍ୟ। ଅନେକ ଏହି ଭଳି ସ୍କୁଲରେ ଆଦିବାସୀ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ କଥାବାର୍ତ୍ତା କରିବାକୁ ବି ବାରଣ କରାଯାଇଥାଏ। ବରଂ ଆଦିବାସୀଙ୍କ ଜୀବନଶୈଳୀ, ବିଶ୍ୱାସ ପ୍ରତି ଆକ୍ଷେପ କରି ପିଲାଙ୍କଠାରେ ହୀନମନ୍ୟତା ସୃଷ୍ଟି କରିବାର ଉଦ୍ୟମ କରାଯାଉଥିବାର ଅଭିଯୋଗ ମିଳିଥାଏ। ଅନେକ ଏଭଳି ସ୍କୁଲରେ ଆଦିବାସୀମାନଙ୍କ ପର୍ବପର୍ବାଣିର ପାଳନ କରାଯାଇ ନ ଥାଏ ବା ଅନ୍ତେବାସୀମାନଙ୍କୁ ସେମାନଙ୍କ ଘରକୁ ଛଡ଼ା ଯାଇ ନ ଥାଏ। ଏହା ଫଳରେ ଅନେକ ଆଦିବାସୀ ଛାତ୍ରଛାତ୍ରୀ ମୁଖ୍ୟସ୍ରୋତରେ ସାମିଲ ହେବା ପ୍ରକ୍ରିୟାରେ ନିଜ ନୃତାତ୍ତ୍ୱିକ ସ୍ୱାତନ୍ତ୍ର୍ୟ ହରାଇ ଥାଆନ୍ତି।

ଦେଖାଯାଇଛି ଯେ ଅଧିକାଂଶ ଘରୋଇ କାରଖାନା ସ୍କୁଲର ପ୍ରମୁଖ ପୃଷ୍ଠପୋଷକ ହେଉଛନ୍ତି ବଡ଼ ବଡ଼ କର୍ପୋରେଟ୍ ହାଉସ୍, ବିଶେଷ କରି ଖଣିଜସମ୍ପଦ-ନିର୍ଭର କମ୍ପାନି। ଆଦିବାସୀ ସମାଜରେ ସେମାନଙ୍କ ଆଦିବାସୀ ବିରୋଧୀ ଛବିକୁ ସୁଧାରିବାକୁ ସ୍ଥଳ ବିଶେଷରେ ସେମାନେ କାରଖାନା ସ୍କୁଲ ସ୍ଥାପନ କରିବାର ସହଜ ରାସ୍ତାଟିକୁ ବାଛି ନିଅନ୍ତି। ବିଭିନ୍ନ କାରଖାନା ସ୍କୁଲକୁ ପାଣ୍ଠି ପ୍ରଦାନକୁ ସେହି କଂପାନିଗୁଡ଼ିକ ଏକ ଦୀର୍ଘ ମିଆଦୀ ବିନିଯୋଗ ବୋଲି ବିଚାର କରିଥାଆନ୍ତି। ସମସ୍ତଙ୍କୁ ଜଣା ଯେ ଆଦିବାସୀ ଜୀବନ ଜଙ୍ଗଲ-ନିର୍ଭର। କିନ୍ତୁ କହିବା ବାହୁଲ୍ୟ ଯେ କାରଖାନା ସ୍କୁଲ ଭାବେ ଗଢ଼ି ଉଠିଥିବା ଆବାସିକ ବିଦ୍ୟାଳୟ ଫେରନ୍ତା ଆଦିବାସୀ ଯୁବକଯୁବତୀମାନେ ସେମାନଙ୍କ ମୂଳ ପରିବେଶରେ ଜିଇବାର କଳା ଓ କୌଶଳ ହରାଇ ବସୁଛନ୍ତି। ଅଭିଯୋଗ ହୋଇଥାଏ ଯେ ସେହି କାରଣରୁ ଅଧିକାଂଶ ଏଭଳି ସ୍କୁଲ ପିଲାମାନଙ୍କୁ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ଜଙ୍ଗଲ ଅଧିକାର ଭଳି ଆଇନ ସମ୍ପର୍କରେ ସଚେତନ କରିବାକୁ ପ୍ରସ୍ତୁତ ହୋଇ ନ ଥାଆନ୍ତି। ଅନ୍ୟ ପକ୍ଷରେ ସେଭଳି ବିଦ୍ୟାଳୟରେ ପିଲାଟିଏର ପାଠପଢ଼ାରୁ ଆରମ୍ଭ କରି ସବୁ କିଛି ମାଗଣା ହୋଇଥିବାରୁ ସେ ଏତେ ଅଧିକ ଅନୁଗୃହୀତ ବୋଲି ମନେ କରେ ଯେ ଏଭଳି ବିଦ୍ୟାଳୟ ବ୍ୟବସ୍ଥା ତା' ମନରେ ଭାବାନ୍ତର ସୃଷ୍ଟି କଲେ ସୁଦ୍ଧା ପ୍ରତିବାଦ କରିବାକୁ ସେ ସାହସ କରି ନ ଥାଏ, ଯାହା ବଡ଼ ହେବା ପର୍ଯ୍ୟନ୍ତ ଜାରି ରହିଥାଏ।

ଭାରତରେ ଆଦିବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ରଖି ଗାନ୍ଧୀଜୀଙ୍କ ସହଯୋଗୀ ଠକ୍କରବାପା ଆଶ୍ରମ ସ୍କୁଲମାନ ପ୍ରତିଷ୍ଠା କରିଥିଲେ। ଏହି କ୍ରମରେ ଖ୍ରୀଷ୍ଟିଆନ ମିସନାରି ସଂଗଠନଙ୍କଠାରୁ ଆରମ୍ଭ କରି ବନବାସୀ କଲ୍ୟାଣ ପରିଷଦ ଭଳି ଅନେକ ସଂଗଠନ ଏପରିକି ସରକାର ମଧ୍ୟ ଆଦିବାସୀଙ୍କ ଶିକ୍ଷା ଲାଗି ଏହି ଆବାସିକ ବିଦ୍ୟାଳୟ ମାର୍ଗଟିକୁ ବାଛିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ୨୦୧୮ ମସିହା ସୁଦ୍ଧା ବିଭିନ୍ନ ରାଜ୍ୟରେ ଥିବା ୨୮୪ଟି ଏକଲବ୍ୟ ମଡେଲ ରେସିଡେନ୍‌ସିଆଲ ସ୍କୁଲ ଓ ୧୨୦୫ଟି ଆଶ୍ରମ ସ୍କୁଲ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା। ଆବାସିକ ବିଦ୍ୟାଳୟଗୁଡ଼ିକରେ ଆଦିବାସୀ ପିଲାମାନେ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନାର ଶିକାର ହେଉଥିବାର ଖବରମାନ ଶୁଣିବାକୁ ମିଳିଥାଏ। ଏକ ଆକଳନ ଅନୁସାରେ ୨୦୦୧ରୁ ୨୦୧୬ ମଧ୍ୟରେ କେବଳ ମହାରାଷ୍ଟ୍ରର ଆବାସିକ ବିଦ୍ୟାଳୟଗୁଡ଼ିକରେ ୧୪୬୩ ଜଣ ଆଦିବାସୀ ଛାତ୍ର ମୃତ୍ୟୁବରଣ କରିଥିଲେ ଓ ତନ୍ମଧ୍ୟରୁ ୩୦ ଜଣ ଆତ୍ମହତ୍ୟା କରିଥିବା ବିଷୟ ଚିନ୍ତାଜନକ। ଓଡ଼ିଶାର ଆଦିବାସୀ ପିଲାଙ୍କ ମଧ୍ୟରୁ ୧୬% ସ୍କୁଲ ଯାଆନ୍ତି ନାହିଁ; ପ୍ରାୟ ୫୧% ପ୍ରାଥମିକ ସ୍ତରରେ ସ୍କୁଲ ଛାଡୁଥିବା ବେଳେ ଉଚ୍ଚ ପ୍ରାଥମିକ ସ୍ତରରେ ଏହା ପ୍ରାୟ ୬୯% ହୋଇଥାଏ। ରାଜ୍ୟରେ ୨୦୦୬ ମସିହାରୁ ସର୍ବଶିକ୍ଷା ଅଭିଯାନର ବହୁଭାଷୀ ଶିକ୍ଷା (ଏମଏଲଇ)ରେ ସାନ୍ତାଳୀ, ସଉରା, ମୁଣ୍ଡା, କୋୟା, କୁଇ ଭଳି ୧୦ଟି ଆଦିବାସୀ ଭାଷାରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ନିଆସରିଛି। ତଦନୁଯାୟୀ ୨୦୧୬ ସୁଦ୍ଧା ରାଜ୍ୟରେ ୨୩୦୦ ସ୍କୁଲରେ ୨୧ଟି ଭାଷାରେ ପ୍ରାୟ ୧.୪୩ ଲକ୍ଷ ଆଦିବାସୀ ଛାତ୍ର ସେମାନଙ୍କ ମାତୃଭାଷାରେ ଶିକ୍ଷା ଗ୍ରହଣ କରି ପାରୁଥିଲେ। ରାଜ୍ୟରେ ଆଦିବାସୀ ଶିକ୍ଷାର ବିକାଶ ଲାଗି ଏ ଭଳି ଅନୁକୂଳ ପରିବେଶ ସତ୍ତ୍ୱେ କାରଖାନା ସ୍କୁଲର ଉପସ୍ଥିତିକୁ ଅନେକ ଗ୍ରହଣ କରି ପାରୁ ନାହାନ୍ତି।

କୋଡ଼ିଏରୁ କମ୍ ସଂଖ୍ୟକ ଛାତ୍ର ଥିବା ସ୍କୁଲଗୁଡ଼ିକୁ ବନ୍ଦ କରିବା ଲାଗି ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଆଦିବାସୀ ଅଞ୍ଚଳ ପ୍ରତି ବି ପ୍ରଯୁଜ୍ୟ। ଅପହଞ୍ଚ ବଣ ଜଙ୍ଗଲରେ ରହୁଥିବା ଆଦିବାସୀଙ୍କ ଆବଶ୍ୟକତା ସ୍ୱତନ୍ତ୍ର ହୋଇଥିବାରୁ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ମଧ୍ୟ ଜରୁରୀ। ଆଦିବାସୀ ପିଲାଙ୍କୁ ତାଙ୍କ ନିଜ ପରିବେଶରେ ଅନ୍ତତଃ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଦାନର ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରାଯାଉ।

କାରଖାନା ସ୍କୁଲ ବ୍ୟବସ୍ଥାର ପରିସମାପ୍ତି ପାଇଁ ବିଶ୍ୱବ୍ୟାପୀ ଏକ ଆନ୍ଦୋଳନ ବି ମୁଣ୍ଡ ଟେକିବା ଆରମ୍ଭ କଲାଣି। ସେଥିରେ 'ସରଭାଇଭାଲ ଇଣ୍ଟରନ୍ୟାସନାଲ' ଭଳି ସଂଗଠନ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଏହି ମର୍ମରେ ତୃଣମୂଳ ସ୍ତରରେ ଆଦିବାସୀ ଶିକ୍ଷା ବ୍ୟବସ୍ଥାରୁ ସରକାର ଓହରି ନ ଯିବା ସର୍ବାଧିକ ଜରୁରୀ। ବରଂ ସରକାର ଏ ଦିଗରେ ଅଧିକ ପୁଞ୍ଜି ବିନିଯୋଗ କରନ୍ତୁ। ଆଦିବାସୀମାନେ ମୁଖ୍ୟସ୍ରୋତରେ ସାମିଲ ହେବା ଉଚିତ, କିନ୍ତୁ ସେମାନଙ୍କ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବା ଜନଜାତୀୟ ପରିଚିତିର ସତ୍ତକ ସବୁ ଅକ୍ଷୁଣ୍ଣ ରଖିବାର ଉଦ୍ୟମ କରାଯାଉ।

ଭୁବନେଶ୍ୱର
ମୋ- ୯୪୩୭୦୩୮୦୧୫
www.SaralJatil.com

ମୃତ୍ୟୁ ସମୀପ ଅନୁଭୂତି

ମନ ପରିଭାଷା

ଫକୀର ମୋହନ ସାହୁ

ରେମଣ୍ଡ ମୁଡ଼ି ନାମକ ଜଣେ ଚିକିତ୍ସକ ୧୯୭୫ ମସିହାରେ 'ଜନ୍ମ ପରେ ଜନ୍ମ' (Life after life) ଶୀର୍ଷକ ଏକ ପୁସ୍ତକ ରଚନା କରି ଚହଳ ସୃଷ୍ଟି କରିଥିଲେ। ଜୀବନ ପାଇଁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଏବଂ ମୃତ୍ୟୁର ଖୁବ୍ ନିକଟବର୍ତ୍ତୀ ହୋଇଥିବା କେତେ ଶହ ବ୍ୟକ୍ତିଙ୍କ ଅନୁଭବକୁ ଆଧାର କରି ଏହି ପୁସ୍ତକଟି ରଚିତ ହୋଇଥିଲା। ପରେ ପରେ ଏଥିରୁ ଅନ୍ତର୍ପ୍ରେରଣା ଲାଭ କରି କେତେକ ମନସ୍ତତ୍ତ୍ୱବିତ୍ ମୃତ୍ୟୁ-ସମୀପ ଅନୁଭବ (Near-Death Experience ବା NDE) ଉପରେ ଗବେଷଣା ଆରମ୍ଭ କଲେ। ଏବେ ମଧ୍ୟ ଏ ସମ୍ପର୍କିତ ଗବେଷଣା ଚାଲିଥିଲେ ବି ତାହା ମନୋବିଜ୍ଞାନର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିନାହିଁ। କାରଣ ଏହି ସବୁ ଲେଖାରେ କାଳ୍ପନିକତା ଥିବାର ମଧ୍ୟ ସନ୍ଦେହ ହୋଇଥାଏ।

ମରଣାପନ୍ନ ବା ମୃତ୍ୟୁର ଦ୍ୱାର ଦେଶରେ ଥିବା ବ୍ୟକ୍ତିମାନେ କେତେକ ବିଚିତ୍ର ଅନୁଭବର ଅଧିକାରୀ ହୋଇ ପାରନ୍ତି। ପରେ ସେମାନେ ଭଲ ହୋଇଯିବା ପରେ ଶରୀରକୁ ଛାଡ଼ି ଉପରକୁ ଯାଇ ଉପରୁ ନିଜର ଅସାଡ଼ ଶରୀରକୁ ଦେଖିଥିବା କଥା କହନ୍ତି। ଏପରି ଶରୀର-ଭିନ୍ନ ଅନୁଭୂତି ବା 'ଆଉଟ୍ ଅଫ୍ ବଡି ଏକ୍‌ସପେରିଏନ୍‌ସ' ଭାବେ ପରିଚିତ। ସେହିଭଳି ଏକ ଅନ୍ଧକାର ସୁଡ଼ଙ୍ଗ ଦେଇ ଗତି କରିବା ଏବଂ ଶେଷରେ ଏକ ଦୀପ୍ତିମନ୍ତ ପୁରୁଷଙ୍କ ସାକ୍ଷାତ ପାଇବାର ଅନୁଭୂତି ମଧ୍ୟ କେତେକ ମୃତ୍ୟୁ ସମୀପବର୍ତ୍ତୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଛି। ତେବେ ବ୍ୟକ୍ତିବିଶେଷ ଆଧାରରେ ଭିନ୍ନ ଭିନ୍ନ ଅନୁଭୂତି ବର୍ଣ୍ଣିତ ରହିଛି।

ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁ ନିକଟବର୍ତ୍ତୀ ହୋଇଥିବା କେତେକ ରୋଗୀଙ୍କୁ ପଚରା ଯାଇ ସେମାନଙ୍କ ଅନୁଭୂତିର ଏକ ନକ୍ସା ପ୍ରସ୍ତୁତ କରାଯାଇଛି। ସେମାନଙ୍କ ଅନୁଭୂତିରେ ପାଞ୍ଚଟି ସୋପାନ ଥାଏ। ପ୍ରଥମେ ଏକ ଶାନ୍ତ ଓ ସୁଖକର ଅନୁଭବ। ଦ୍ୱିତୀୟଟିରେ ବ୍ୟକ୍ତି ନିଜର ଭୌତିକ ଶରୀରଠାରୁ ବିଚ୍ଛିନ୍ନ ହେବାର ଅନୁଭୂତି ଲାଭ କରେ। ତୃତୀୟ ସୋପାନରେ ସେ ଏକ ଅନ୍ଧକାର ସୁଡ଼ଙ୍ଗ ମଧ୍ୟ ଦେଇ ଗତି କରିବାର ଅନୁଭୂତି ପାଏ। ଚତୁର୍ଥ ସୋପାନରେ ଉଜ୍ଜ୍ୱଳ ଆଲୋକର ସମ୍ମୁଖୀନ ହୋଇ ଏବଂ ଶେଷରେ ସେହି ଆଲୋକର ମାର୍ଗରେ ଗତି କରି ଅନ୍ୟ ଏକ ରାଜ୍ୟରେ ପ୍ରବେଶ କରେ। ଯଦି ମୃତ୍ୟୁସମୀପ ଅନୁଭୂତିକୁ ନେଇ ଏଥିରୁ ଏକ ଧାରଣା ସୃଷ୍ଟି କରିବାର ପ୍ରଯତ୍ନ କରିବା, ତେବେ ତାହା ଯେ ମୋଟାମୋଟି ସକାରାତ୍ମକ ତହିଁରେ ସନ୍ଦେହ ନାହିଁ। ଅବଶ୍ୟ ଏପରି ଦୃଶ୍ୟପଟରେ ସମାଜ ଓ ସଂସ୍କୃତିର ପ୍ରଭାବ ମଧ୍ୟ ଥାଏ। ଉଦାହରଣ ସ୍ୱରୂପ ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକମାନେ ସୁଡ଼ଙ୍ଗ ପାର ହେବା ପରେ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ପାଉଥିବା ସ୍ଥଳେ ହିନ୍ଦୁମାନଙ୍କ କ୍ଷେତ୍ରରେ ବିଷ୍ଣୁଲୋକ କିମ୍ବା ଶିବଲୋକ ଦୃଶ୍ୟମାନ ହୁଅନ୍ତି।

ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ହେଉଛି ବିଚିତ୍ର ଅନୁଭବର ଅନ୍ତରାଳରେ ସକ୍ରିୟ ଥିବା ମନସ୍ତାତ୍ତ୍ୱିକ ଓ ବୈଜ୍ଞାନିକ କାରଣଟି କ'ଣ? ତେବେ ଏ ଦିଗରେ ଗବେଷଣା ବେଶୀ ଦିନର ନୁହେଁ। ପୁଣି ବିଶ୍ଳେଷଣରେ ଏହାର ବହୁ ଅଂଶ ବୈଜ୍ଞାନିକଙ୍କ ସ୍ୱୀକୃତି ଲାଭ କରିନାହିଁ। ତେବେ, କେତେକ ମନୋବିଜ୍ଞାନୀଙ୍କ ମତରେ ଜୀବନ-ରକ୍ଷା ପାଇଁ ସଂଘର୍ଷ କରୁଥିବା ଲୋକମାନଙ୍କ ପ୍ରତ୍ୟାଶା(Expectation)ର ରୂପାୟନ ହିଁ ସେଭଳି ଦୃଶ୍ୟପଟର କାରଣ। ମଣିଷର ପୂରଣ ହୋଇ ନ ଥିବା କାମନା-ବାସନା ଇତ୍ୟାଦି ଛବିଳ ରୂପ ନେଇ ସ୍ୱପ୍ନରେ ଆସିଲା ପରି ଏ ଦୃଶ୍ୟମାନ ଦେଖାଯାଏ। ଅନ୍ୟ କେତେକ ବିଶେଷଜ୍ଞ ଏହାକୁ ଚିକିତ୍ସା ଲାଗି ଦିଆଯାଉଥିବା ଔଷଧର ପ୍ରଭାବ ବୋଲି କହିଥାଆନ୍ତି। ଆମ ଶରୀରରେ ଥିବା ହରମୋନ ଭିତରେ ଏଣ୍ଡ୍ରୋର୍ଫିନ୍‌ସ୍ ନାମକ ହରମୋନ କେବଳ କ୍ଲାନ୍ତି ହରଣ କରେ ନାହିଁ, ଏହା ମଧ୍ୟ ଆନନ୍ଦଦାୟକ ଅନୁଭୂତି ପ୍ରଦାନ କରେ। ଗଭୀର ମାନସିକ ଚାପ ଦେଇ ଯାଉଥିବା ସମୟରେ ଏହାର ମାତ୍ରାଧିକ କ୍ଷରଣର ସମ୍ଭାବନା ରହିଛି, ଯାହା ମଧ୍ୟ ଏଭଳି ଦୃଶ୍ୟପଟ ସୃଷ୍ଟିର କାରଣ ହୋଇପାରେ। ତେବେ, ଏ ନେଇ ସର୍ବାଧିକ ସମ୍ଭାବ୍ୟ କାରଣଟି ସ୍ନାୟୁଭିତ୍ତିକ। ସ୍ନାୟୁବିଜ୍ଞାନୀମାନେ କହନ୍ତି ଯେ ମସ୍ତିଷ୍କର 'ଟେଂପୋରାଲ ଲୋବ୍' ସକ୍ରିୟ ହେଲେ ଅତୀତର ସ୍ମୃତି-ଦୃଶ୍ୟପଟ, ବିଚିତ୍ର ଦୃଶ୍ୟ ଓ ଶ୍ରାବ୍ୟ ଉଦ୍ଦୀପନା ଏବଂ ଆବେଗଜନିତ (Emotion) ଦୃଶ୍ୟ ଅନୁଭବର ପରିସରକୁ ଚାଲିଆସେ। ଏହି ଲୋବ୍‌ଟିକୁ କୃତ୍ରିମ ଉପାୟରେ ଉଦ୍ଦୀପିତ କରି ମନୁଷ୍ୟ ଅନୁଭବର ପରିବର୍ତ୍ତନକୁ ମଧ୍ୟ ଲକ୍ଷ୍ୟ କରାଯାଇଛି। ତେଣୁ ଏହି ଲୋବ୍‌ର ସକ୍ରିୟତା ସହିତ ସେଭଳି ଦୃଶ୍ୟର ସଂପର୍କ ଅଛି ବୋଲି ସ୍ନାୟୁ ବିଜ୍ଞାନୀମାନେ କହନ୍ତି।

ତେବେ, କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏହାର ଅଧିକ ଗବେଷଣା ଜୀବନର ଅପର ପାର୍ଶ୍ୱକୁ ଝରକା ଖୋଲିଦେବ, ଯେଉଁଠି ସଂପୂର୍ଣ୍ଣ ରହସ୍ୟମୟ ମୃତ୍ୟୁ ବିରାଜମାନ କରିଥାଏ।

ରିସର୍ଚ୍ଚ ପ୍ରଫେସର୍
ଜାଭିୟର ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୧୩

ଦେଶରେ ପ୍ରତି ୧୦ ଲକ୍ଷରେ ୯୬ ସଂକ୍ରମିତ, ଜଣଙ୍କ ମୃତ୍ୟୁ

- ମାତ୍ର ୨.୧୯% ସକ୍ରିୟ ମାମଲା
- ତୃତୀୟ ରାଷ୍ଟ୍ରଭାବେ ଭାରତର କରୋନା ମୃତ୍ୟୁ ଦେଢ଼ ଲକ୍ଷ ଟପିଲା
- ନୂଆ ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୭୩କୁ ବୃଦ୍ଧି

ନୂଆଦିଲ୍ଲୀ, ୬/୧ : ଦେଶରେ ଲଗାତାର ଭାବେ ଦୈନିକ ସଂକ୍ରମଣ ମାମଲା ୨୦ ହଜାରରୁ କମ୍ ରହୁଛି। ତେବେ ଗତ ୭ ଦିନରେ ଦେଶରେ ପ୍ରତି ୧୦ ଲକ୍ଷରେ ସଂକ୍ରମିତଙ୍କ ସଂଖ୍ୟା ଏବଂ ମୃତ୍ୟୁସଂଖ୍ୟା ବେଶ୍ କମ୍ ରହିଛି। ଗତ ୭ ଦିନରେ ଦେଶରେ ପ୍ରତି ୧୦ ଲକ୍ଷରେ ମାତ୍ର ଜଣଙ୍କର ମୃତ୍ୟୁ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ବ୍ରିଟେନ୍, ଇଟାଲି, ଆମେରିକା, ଫ୍ରାନ୍ସ , ରୁଷ୍ ଏବଂ ବ୍ରାଜିଲ୍‌ଠାରୁ ଏହି ସଂଖ୍ୟା ବହୁତ କମ୍। ଅନ୍ୟପକ୍ଷେ ବ୍ରିଟେନ୍‌ରେ ପ୍ରତି ୧୦ ଲକ୍ଷରେ ୬୪, ଇଟାଲି ଏବଂ ଆମେରିକାରେ ୫୫, ଫ୍ରାନ୍ସରେ ୩୫, ରୁଷ୍‌ରେ ୨୫ ଏବଂ ବ୍ରାଜିଲ୍‌ରେ ୨୩ ଜଣଙ୍କ ମୃତ୍ୟୁ ହେଉଛି। ଗତ ୧୨ ଦିନ ଧରି ଦେଶର ଦୈନିକ ମୃତ୍ୟୁ ୩୦୦ରୁ କମ୍ ରହୁଛି। ଆମେରିକା ଏବଂ ବ୍ରାଜିଲ୍ ପରେ ତୃତୀୟ ରାଷ୍ଟ୍ରଭାବେ ଭାରତର କରୋନା ମୃତ୍ୟୁ ଦେଢ଼ ଲକ୍ଷ ଟପିଯାଇଛି। ଦେଶରେ ମୋଟ୍ କରୋନା ମୃତ୍ୟୁ ୧୫୦,୧୧୪ରେ ପହଞ୍ଚିଛି।

ଅନ୍ୟପକ୍ଷେ ଗତ ୭ ଦିନରେ ଦେଶରେ ପ୍ରତି ୧୦ ଲକ୍ଷରେ ୯୬ ସଂକ୍ରମଣ ମାମଲା ରହିଛି। ବ୍ରିଟେନ୍‌ରେ ପ୍ରତି ୧୦ ଲକ୍ଷରେ ୫,୬୫୪ ସଂକ୍ରମଣ ମାମଲା ଥିବା ବେଳେ ଆମେରିକାରେ ୪,୫୨୪, ଇଟାଲିରେ ୧,୮୧୯, ଫ୍ରାନ୍ସରେ ୧,୪୭୧, ରୁଷ୍‌ରେ ୧,୨୨୯ ଏବଂ ବ୍ରାଜିଲ୍‌ରେ ପ୍ରତି ୧୦ ଲକ୍ଷରେ ସଂକ୍ରମଣ ମାମଲା ୧,୧୭୪ ରହୁଛି। ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୧୮,୦୮୮ ନୂଆ ମାମଲା ଚିହ୍ନଟ ହୋଇଛି। ମୋଟ୍ ସଂକ୍ରମଣ ମାମଲା ୧୦,୩୭୪,୯୩୨ ପହଞ୍ଚିଛି। ଦେଶରେ ସକ୍ରିୟ ମାମଲା ଏବେ ୨,୨୭,୫୪୬ ରହିଛି। ଏହା ମୋଟ୍ ସଂକ୍ରମଣ ମାମଲାର ୨.୧୯ ପ୍ରତିଶତ। ଅନ୍ୟପକ୍ଷେ ଦେଶରେ ନୂଆ ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୭୩କୁ ବୃଦ୍ଧି ପାଇଛି।

ସ୍କୁଲ୍ ଖୋଲିବାର ୫ ଦିନ ପରେ କର୍ଣ୍ଣାଟକରେ ୫୦ ଶିକ୍ଷକ ସଂକ୍ରମିତ: ଅନେକ ସ୍କୁଲ୍ ବନ୍ଦ

ବେଙ୍ଗାଲୁରୁ, ୬/୧ : ଗତ ୧ ତାରିଖରେ କର୍ଣ୍ଣାଟକରେ ସ୍କୁଲ୍ ଖୋଲିବାପରେ ୫୦ ଜଣ ଶିକ୍ଷକ କରୋନା ସଂକ୍ରମିତ ହୋଇଛନ୍ତି। ଏଥିପାଇଁ ରାଜ୍ୟରେ ଅନେକ ସ୍କୁଲ୍ ବନ୍ଦ ରହିଛି। ବେଲଗଭିରେ ୨୨ ଜଣ ଶିକ୍ଷକ କରୋନା ସଂକ୍ରମିତ ହୋଇ ଏବେ କ୍ୱାରାଣ୍ଟିନ୍‌ରେ ଅଛନ୍ତି। ବେଲଗଭି ତାଲୁକ୍‌ରେ ଜଣେ ଶିକ୍ଷକଙ୍କ ଶରୀରରେ କରୋନାର ଲକ୍ଷଣ ଦେଖାଦେବାପରେ ଗୋଟିଏ ଦିନ ପାଇଁ ସ୍କୁଲ୍ ବନ୍ଦ ରହିଛି। ଚିତ୍ରଦୁର୍ଗ ଜିଲ୍ଲାରେ ୭ ଟି ସ୍କୁଲ୍ ବନ୍ଦ ରହିଛି। ସ୍କୁଲ୍‌ମାନଙ୍କରେ ୬ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ସମସ୍ତଙ୍କୁ ହୋମ୍ କ୍ୱାରାଣ୍ଟିନ୍‌କୁ ପଠାଯାଉଛି ବୋଲି ଚିତ୍ରଦୁର୍ଗ ଡିଡିପିଆଇ ରବିଶଙ୍କର ରେଡ୍ଡି କହିଛନ୍ତି। ସେହିପରି ଚିକ୍କମଗାଲୁରୁରେ ୪ ଜଣ ଛାତ୍ର ଏବଂ ୫ ଜଣ ଶିକ୍ଷକ କରୋନା ସଂକ୍ରମିତ ହୋଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ କେ ସୁଧାକର କହିଛନ୍ତି, ଭୟ କରିବାର କିଛି ନାହିଁ। ଉଭୟ ଶିକ୍ଷକ ଏବଂ ଛାତ୍ରମାନଙ୍କର ଚିକିତ୍ସା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ସେ କହିଛନ୍ତି।

ଅବଶିଷ୍ଟାଂଶ....

ଗ୍ୟାସ୍ ଲିକ୍...

ଜେନେରାଲ ମ୍ୟାନେଜର (ପର୍ସନାଲ) ପି. କାନିତକର, ପାନପୋଷ ଉପଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ୍ ଦୌଲତ ଚନ୍ଦ୍ରାକର, ଉଭୟ ଡିଏସପି, ଆର୍‌ଏସ୍‌ପି ଠିକା ସଂଘର ସଜ୍ଜଳ ବାନାର୍ଜୀ, ସିଆଇଟିୟୁର ବିଷ୍ଣୁ ମହାନ୍ତି, ଏଆଇଟିୟୁସିର ପ୍ରଭାତ ମିଶ୍ର, ଜିଏମ୍‌ଏମ୍‌ର ଜର୍ଜ ତିର୍କୀ, ଆର୍‌ଏସ୍‌ଏସ୍ ନିହାର ଦାଶ ଓ ଏଚ୍‌ଏମ୍‌ଏସ୍‌ର ଦିଗାମ୍ବର ମହାନ୍ତିଙ୍କ ସମେତ ବହୁ ଶ୍ରମିକ ନେତା ସେଥିରେ ସାମିଲ ହୋଇଥିଲେ। ସେ ସଂକ୍ରାନ୍ତରେ ପ୍ରାୟ ୧ ଘଣ୍ଟା ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ ସହ ମୃତ ଶ୍ରମିକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ଚାକିରୀ ଦେବାକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ରାଜି ହୋଇଥିଲେ। ଇତିମଧ୍ୟରେ ଉକ୍ତ ଘରୋଇ ଠିକା ସଂସ୍ଥା ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଅଢ଼େଇ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରେ ପୁଲିସ ମୃତ ୪ ଶ୍ରମିକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

ସେପଟେ କାର୍ଯ୍ୟରେ ଅବହେଳା ପାଇଁ ଶକ୍ତି ପରିଚାଳନା ବିଭାଗ (ଇଏମ୍‌ଡି)ର ଡିଜିଏମ୍ ଜି. ବାରିକ୍ ଓ କୋଲ୍ କେମିକାଲ ବିଭାଗର (ସିସିଡି)ର ଡିଜିଏମ୍ ଏନ୍. ଦାଶଙ୍କୁ ଆର୍‌ଏସ୍‌ପି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପକ କୁମାର ଚଟ୍ଟରାଜ ନିଲମ୍ବିତ କରିଛନ୍ତି। ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଘଟଣାର ତଦନ୍ତ କରିବାକୁ ଶ୍ରୀ ଚଟ୍ଟରାଜ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଯେଉଁମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। କେନ୍ଦ୍ର ଇସ୍ପାତମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ କରିଛନ୍ତି କହିଛନ୍ତି ଯେ ଆର୍‌ଏସ୍‌ପି ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ଖବର ଶୁଣି ସେ ଦୁଃଖିତ ଓ ମର୍ମାହତ। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଆର୍‌ଏସ୍‌ପି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଚଟ୍ଟରାଜ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଛନ୍ତି। ଆର୍‌ଏସ୍‌ପି ପକ୍ଷରୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ଏହି ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା, ତଦନ୍ତ କରିବାକୁ ସ୍ଥାନୀୟ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

ଆସନ୍ତା ଦୁଇମାସ ଅଧିକ ସତର୍କ ରୁହ...

ଅଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଆଗାମୀ ମାସରେ ଏ ସଂପର୍କରେ ସମୀକ୍ଷା କରିବେ ବୋଲି ସେ ସୂଚନା ଦେଇଥିଲେ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୦୦ ମଧ୍ୟରେ ସୀମିତ ରହିଛି। ଜୀବନଜୀବିକା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି। ଟିକାକରଣ ଏବଂ କୋଭିଡ ପରିସ୍ଥିତି ସଂପର୍କରେ ବିସ୍ତୃତ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ ରାଜ୍ୟରେ ଆରୋଗ୍ୟ ହାର ବର୍ତ୍ତମାନ ପ୍ରାୟ ୯୯ ପ୍ରତିଶତରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଠାରୁ ରାଜ୍ୟରେ କୋଭିଡରେ କୌଣସି ରୋଗୀଙ୍କର ମୃତ୍ୟୁ ହୋଇନାହିଁ। ସୂଚନାଯୋଗ୍ୟ ଯେ ଗତ ଜୁନ୍ ୩୦ ତାରିଖରୁ ନିୟମିତ ଭାବରେ କୋଭିଡରେ ମୃତ୍ୟୁ ହୋଇଥିବା ରିପୋର୍ଟ ଆସୁଥିଲା। ତୃତୀୟ ପର୍ଯ୍ୟାୟ ସେରୋ ସର୍ଭେ ରିପୋର୍ଟ ମଧ୍ୟ ଅତ୍ୟନ୍ତ ଉତ୍ସାହଜନକ ରହିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୦ ଲକ୍ଷ ଲୋକଙ୍କର କୋଭିଡ ପରୀକ୍ଷା କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଟିକାକରଣ ପ୍ରସ୍ତୁତି ସଂପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଉଭୟ ଘରୋଇ ଓ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ୩ ଲକ୍ଷ ୨୮ ହଜାର ୫୬୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ପାଇଁ ତାଲିକା ପ୍ରସ୍ତୁତ ହୋଇସାରିଛି। ପୁଲିସ, ମ୍ୟୁନିସପାଲଟି କର୍ମଚାରୀ ଏବଂ କୋଭିଡ କାର୍ଯ୍ୟରେ ନିୟୋଜିତ ରାଜସ୍ୱ ବିଭାଗର କର୍ମଚାରୀ ମାନଙ୍କ ତାଲିକା ପ୍ରସ୍ତୁତି ଚାଲିଛି।

ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ, ସ୍କୁଲ-କଲେଜ ଖୋଲିବା ସଂପର୍କରେ ଏସ୍‌ଓପି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିସନର, କୃଷି ଉତ୍ପାଦନ କମିସନର, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଭୁବନେଶ୍ୱରରୁ ଆଉ ଜଣେ ...

ଗତ ଜାନୁଆରି ୨ ତାରିଖ, ଶନିବାର ସନ୍ଧ୍ୟାରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସଂପର୍କୀୟ ଦାଦା ଦିବ୍ୟସିଂହ ବରାଳ ବାଇକରେ ଘରକୁ ଫେରୁଥିବା ବେଳେ ରାସ୍ତା ମଝିରେ ସେମାନଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା। ରାଜନୈତିକ ବିବାଦରୁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ପୁଅ ରମାକାନ୍ତ ବରାଳ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏଫ୍‌ଆଇଆର୍‌ରେ ସେ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରତାପ ଜେନାଙ୍କ ସଂପୃକ୍ତି ଥିବା ଅଭିଯୋଗ ଆଣିଥିଲେ। ଅନ୍ୟପଟେ ଡିସେମ୍ବର ୨୭ ତାରିଖ ରାତିରେ ଘଟିଥିବା ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଓ ଥାନାରେ ରୁଜୁ ହୋଇଥିବା ମାମଲା ମଧ୍ୟ ଏହି ହତ୍ୟାକାଣ୍ଡର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିଲା।

ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପଞ୍ଚାନନର ବୟାନ ଡିସେମ୍ବର ୨୭ର ଘଟଣା ଡବଲ ମର୍ଡରର ମୁଖ୍ୟ କାରଣ ବୋଲି ଦର୍ଶାଉଥିଲେ ବି ବିକାଶ ଯେନା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳ ଏବଂ ବିଜେଡିର ସ୍ଥାନୀୟ ଆଗଧାଡ଼ିର ନେତା ଓ କର୍ମୀ ଏଯାଏ ଧରା ନ ପଡ଼ିବା ଘଟଣା ଏବେ ବି ଘଟଣାକୁ ରହସ୍ୟମୟ କରି ରଖିଛି।

ଏପରି ଅବସ୍ଥାରେ ଆଜି ଭୁବନେଶ୍ୱରଠାରୁ ପୁଲିସ୍ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି, କୈଳାସ ଖଟୁଆ। କୁଳମଣିଙ୍କ ପୁଅ ରମାକାନ୍ତ ଦେଇଥିବା ଏଫ୍‌ଆଇଆର୍‌ରେ କୈଳାସର ନାଁ ଥିବାବେଳେ ଅରବିନ୍ଦର କିନ୍ତୁ ନାଁ ନଥିଲା। ଫଳରେ ଏଫ୍‌ଆଇଆରରେ ଯେଉଁ ୧୩ ଜଣଙ୍କ ନାଁ ଥିଲା, ସେଥିରୁ ୪ ଜଣଙ୍କୁ ଆଜିସୁଦ୍ଧା ଗିରଫ କରାଯାଇପାରିଛି। ଗିରଫ ହୋଇଥିବା ୫ ଅଭିଯୁକ୍ତ ପଞ୍ଚାନନ ସେଠୀ (୨୮), ଅରବିନ୍ଦ ଖଟୁଆ ଓରଫ ଅରୁ (୨୭), କ୍ଷୀତିଶ ଆଚାର୍ଯ୍ୟ (୪୫), ଲଳିତମୋହନ ବରାଳ(୭୫), କୈଳାସ ଖଟୁଆ (୫୫)ଙ୍କ କୋଭିଡ ରିପୋର୍ଟ ନେଗେଟିଭ୍ ଆସିବା ପରେ ଆଜି ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ୫ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ବୋଲି ଏସ୍‌ପି ବି. ଯୁଗଳ କିଶୋର ସୂଚନା ଦେଇଛନ୍ତି।

ତିଗିରିଆରେ ମଦମାଫିଆଙ୍କ ...

ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ନେତୃତ୍ୱରେ କଟକ, ଆଠଗଡ଼, ବ୍ରହ୍ମପୁର, ଖୋର୍ଦ୍ଧା ଓ ଢେଙ୍କାନାଳ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଓ ତିଗିରିଆ ଥାନା ଅଧୀନ ଭିରୁଡ଼ା ଗ୍ରାମରେ ଚଢ଼ଉ କରାଯାଇଥିଲା। କୋରଙ୍ଗାରେ ୨୦ ହଜାର ଲିଟର ଗୁଡ଼ପୋଚ, ୩ ହଜାର ଲିଟର ଦେଶୀ ମଦ ଓ ଭିରୁଡ଼ାରୁ ୬୦ ହଜାର ଲିଟର ଗୁଡ଼ପୋଚ, ୭ ହଜାର ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏହି ସମୟରେ ଭିରୁଡ଼ା ପଞ୍ଚାୟତର ପଣସପାଟଣା ଠାରେ ମଦ ବେପାରୀ ମଧୁ ସାହୁ ନିଜ ଘର ସମ୍ମୁଖରେ ଅଚାନକ ଏକ ଲୁହାଛଡ଼ରେ କଟକ ସଦର ଅବକାରୀ ଇନ୍ସପେକ୍ଟର ପ୍ରବୀର କୁମାର ସାମଲଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶ୍ରୀ ସାମଲଙ୍କ ମୁହଁ ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଇନ୍ସପେକ୍ଟର ଶ୍ରୀ ସାମଲଙ୍କୁ ସଂଗେ ସଂଗେ ଚିକିତ୍ସା ପାଇଁ ତିଗିରିଆ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଅନ୍ୟପକ୍ଷରେ, ସେଠାରେ ଉପସ୍ଥିତ ଅବକାରୀ କର୍ମଚାରୀ ଅଭିଯୁକ୍ତ ମଧୁଙ୍କୁ କାବୁ କରିନେଇଥିଲେ। ମଧୁକୁ ଗିରଫ କରାଯାଇଥିବା ବେଳେ ଏ ସଂକ୍ରାନ୍ତରେ ତିଗିରିଆ ଥାନାରେ ଏତଲା ଦିଆଯିବ ବୋଲି ଆଠଗଡ଼ ଅବକାରୀ ଇନ୍ସପେକ୍ଟର ସଞ୍ଜିତ ବାର୍ଲା ସୂଚନା ଦେଇଛନ୍ତି।

ଚୋର ଭାବି ପିଟିପିଟି ...

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ପରେ ଗଙ୍ଗାଙ୍କୁ ଘରେ ଛାଡ଼ି ଦିଆ ଯାଇଥିଲା। କିନ୍ତୁ ଆଜି ସକାଳେ ଘରେ ହିଁ ଗଙ୍ଗାଙ୍କ ମୃତ୍ୟୁ ହୋଇଥିଲା। ବାଲିଛାଇ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଇଥିଲେ। ଲକ୍ଷ୍ମୀ ପୋଲସରା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଗଙ୍ଗାଙ୍କ ପତ୍ନୀ ନର୍ମଦାଙ୍କ ଏତଲା କ୍ରମେ କବିସୂର୍ଯ୍ୟନଗର ଥାନାରେ କେସ୍ ନମ୍ବର ୭ ଅନୁସାରେ ଏକ ମାମଲା ରୁଜୁ ହୋଇଛି। ପୁରୁଷୋତ୍ତମପୁର ଏସଡିପିଓ ସୀମା ସ୍ୱାଇଁ, କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ କୁମାର ସାହୁ ଓ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସ୍ୱାମୀଙ୍କ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ୍ୟାୟ ପାଇଁ ପତ୍ନୀ ନର୍ମଦା ଦାବି କରିଛନ୍ତି। ଗିରଫଦାରି ଭୟରେ ଗ୍ରାମ ପୁରୁଷଶୂନ୍ୟ ପାଲଟିଛି।

ଏଲ୍‌ଓସିରେ ୪୦୦ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ

ଜମ୍ମୁ, ୬/୧ : ଜମ୍ମୁ କାଶ୍ମୀରକୁ ଅନୁପ୍ରବେଶ ପାଇଁ ପ୍ରାୟ ୪୦୦ ଆତଙ୍କବାଦୀ ଏଲ୍‌ଓସି ସ୍ଥିତ ଲଞ୍ଚ୍ ପ୍ୟାଡ୍‌ରେ ଛକି ରହିଛନ୍ତି। ଜଣେ ଶୀର୍ଷ ପୁଲିସ ଅଧିକାରୀ କହିଛନ୍ତି, ପାକିସ୍ତାନ ଶୀତ ଋତୁରେ ବି ଆତଙ୍କବାଦୀଙ୍କୁ ଜମ୍ମୁ କାଶ୍ମୀରକୁ ଅନୁପ୍ରବେଶ କରାଇବାକୁ ଉଦ୍ୟମ କରୁଛି। ଆତଙ୍କବାଦୀଙ୍କ ଅନୁପ୍ରବେଶ ବିରୋଧରେ ସୁରକ୍ଷାବାହିନୀର କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗତବର୍ଷ ଖୁମ୍ କମ୍ ସଂଖ୍ୟକ ଆତଙ୍କବାଦୀ ଅନୁପ୍ରବେଶ କରିଛନ୍ତି। ୨୦୧୯ରେ ୧୪୧ ଆତଙ୍କବାଦୀ ଭାରତକୁ ଅନୁପ୍ରବେଶ କରିଥିବାବେଳେ ୨୦୨୦ରେ ୪୦ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ। ଅନ୍ୟପକ୍ଷେ ୨୦୧୮ରେ ୧୪୩ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ। ୨୦୨୦ରେ ପାକିସ୍ତାନ ସର୍ବାଧିକ ୫,୧୦୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି।

ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା ରିପୋର୍ଟ: ୮ମ ସ୍ଥାନରେ ମାଲକାନଗିରି ଜିଲ୍ଲା

ନୂଆଦିଲ୍ଲୀ,୬/୧(ଇମିସ) : ଦେଶର ୧୧୨ଟି ଆକାଂକ୍ଷୀ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଅଷ୍ଟମ ସ୍ଥାନରେ ରହିଛି। ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି।

ଏହି ମାନ୍ୟତା ତାଲିକାରେ ପ୍ରଥମ ସ୍ଥାନରେ ରହିଛି ଝାଡ଼ଖଣ୍ଡର ରାମପୁର ଜିଲ୍ଲା। ସ୍ୱାସ୍ଥ୍ୟ ଓ ପୋଷଣ, ଆର୍ଥିକ ଅନ୍ତର୍ଭୁକ୍ତି, ଶିକ୍ଷା, ଭିତ୍ତିଭୂମି, କୃଷି ଓ ଜଳସମ୍ପଦ ସୂଚକାଙ୍କକୁ ଆଧାର କରି ଏହି ମାନ୍ୟତା ତାଲିକା ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ୧୦ଟି ଆଂକାକ୍ଷୀ ଜିଲ୍ଲାମାନଙ୍କ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ୨୦ତମ ଏବଂ କୋରାପୁଟ ଜିଲ୍ଲା ୩୦ତମ ସ୍ଥାନରେ ରହିଛି। ସେହିଭଳି, ନୂଆପଡ଼ା ଜିଲ୍ଲା ରହିଛି ୮୩ତମ ସ୍ଥାନରେ। ଅନ୍ୟପକ୍ଷରେ, ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରଥମ ଦଶଟି ଜିଲ୍ଲା ମଧ୍ୟରେ ଓଡ଼ିଶାର ଗଜପତି ଜିଲ୍ଲା ଦ୍ୱିତୀୟ, ବଲାଙ୍ଗୀର ଜିଲ୍ଲା ଷଷ୍ଠ, ରାୟଗଡ଼ା ଜିଲ୍ଲା ଅଷ୍ଟମ ଓ କୋରାପୁଟ ଜିଲ୍ଲା ନବମ ସ୍ଥାନରେ ରହିଛି। ସେହିଭଳି ସ୍ୱାସ୍ଥ୍ୟ ଓ ପୋଷଣ କ୍ଷେତ୍ରରେ ଓଡିଶାର ମାଲକାନଗିରି ଜିଲ୍ଲା ଦଶମ ଓ ନବରଂଗପୁର ଜିଲ୍ଲା ଦ୍ୱାଦଶ ସ୍ଥାନରେ ରହିଛି। ଶିକ୍ଷାକ୍ଷେତ୍ରରେ ବଲାଙ୍ଗୀର ୧୧୦ ସ୍ଥାନ ସହ ନିମ୍ନରେ ରହିଛି। କୃଷି ଓ ଜଳସମ୍ପଦ କ୍ଷେତ୍ରରେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଦଶମ ସ୍ଥାନରେ ରହିଛି।

TATA
ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ
(ପୂର୍ବରୁ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ)
CIN:L27102OR1982PLC001091
ପଞ୍ଜିକୃତ କାର୍ଯ୍ୟାଳୟ : ପୋଷ୍ଟ: ଜୋଡ଼ା
ଜିଲ୍ଲା: କେଉଁଝର, ଓଡ଼ିଶା- ୭୫୮୦୩୪, ଭାରତ
ଟେଲିଫୋନ: ୯୧୬୭୬୭୨୭୮୧୭୮
ଫାକ୍ସ:୯୧୬୭୬୭୨୭୮୧୨୯
ଇମେଲ:investorcell@tatasteellp.com
website: www.tatasteellp.com

ନୋଟିସ

ଏତଦ୍ୱାରା ସୂଚୀତ କରାଯାଉଛିଯେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଲିମିଟେଡ (ପୂର୍ବରୁ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ)(କମ୍ପାନି)ର ନିର୍ଦ୍ଦେଶକ ମଣ୍ଡଳୀଙ୍କ ଏକ ବୈଠକ ଆସନ୍ତା ଗୁରୁବାର, ୧୪ ଜାନୁଆରୀ ୨୦୨୧ ରେ ଅନୁଷ୍ଠିତ ହେବ ଓ ଏଥିରେ ୩୧ ଡିସେମ୍ବର ୨୦୨୦ ସୁଦ୍ଧା ଶେଷ ହୋଇଥିବା ତିନି ମାସ ଓ ନଅ ମାସ ଶେଷର କମ୍ପାନିର ସମିକ୍ଷିତ ଆର୍ଥିକ ଫଳାଫଳ (ଉଭୟ ଷ୍ଟାଣ୍ଡାଲୋନ ଓ କନସୋଲିଡେଟେଡ) ବିଚାର ଓ ରେକର୍ଡ଼ ଗ୍ରହଣ କରାଯିବ।

ଷ୍ଟକ ଏକ୍ସଚେଂଜ ପାଇଁଏହି ସୂଚନା ସେବି(ଲିଷ୍ଟିଂ ଓବ୍ଲିଗେସନସ ଓ ଡିସକ୍ଲୋଜର ଆବଶ୍ୟକତା) ନିୟାମକ,୨୦୧୫ର ନିୟାମକ ୨୯ ଅଧିନରେ ଜାରି କରାଯାଇଛି ଓ ଏହା କମ୍ପାନୀର ୱେବସାଇଟ୍ (www.tatasteellp.com), ବିଏସଇ ଲିମିଟେଡର ୱେବସାଇଟ୍ (www.bseindia.com) ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (www.nseindia.com) ରେ ଉପଲବ୍ଧ କରାଯାଇଛି।

ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ଼ ପାଇଁ
(ପୂବରୁ ଟାଟା ସ୍ପଞ୍ଜ ଆଇରନ୍ ଲିମିଟେଡ)
ସ୍ୱା/-
ସଞ୍ଜୟ କସ୍ତୁରେ
କମ୍ପାନି ସେକ୍ରେଟାରି
ସ୍ଥାନ :କୋଲକାତା, ପଶ୍ଚିମବଙ୍ଗ
ତାରିଖ :୬ ଜାନୁଆରୀ ୨୦୨୧